**ସମ୍ବାଦ**

**ତାରିଖ:୨୬.୦୭.୨୦୨୬**

# ବିଆଇଆଇଟିଏମ୍‌ରେ ରକ୍ତଦାନ ଶିବିର



ଭୁବନେଶ୍ୱର ୨୫/୭(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫରମେସନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜମେଣ୍ଟ୍ ଷ୍ଟଡିଜ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ କଳ୍ପତରୁ ଦାସଙ୍କ ଏକାଦଶ ପୁଣ୍ୟତିଥିରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଆଇଆଇଟିଏମ୍ ଓ ସମ୍ବାଦ 'ଆମ ଓଡ଼ିଶା'ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠାନ ପରିସରରେ ଆୟୋଜିତ ଏହି ଶିବିରକୁ ପ୍ରଫେସର ଆଦିତ୍ୟ ପ୍ରସାଦ ଦାଶ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସ୍‌ଏସ୍, ଆଞ୍ଚଳିକ କାର୍ଯ୍ୟାଳୟର ଯୁଥ୍ ଅଫିସର ଅଜିତ୍ କୁମାର, ଅଧ୍ୟକ୍ଷ ମିହିର ରଞ୍ଜନ ନାୟକ, ଡିନ୍ ଚିନ୍ମୟ କୁମାର ଦାଶ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରଫେସର ମନୋଜ ପରିଜା, ରଶ୍ମିରଞ୍ଜନ ବିଶ୍ୱାଳ, ସଞ୍ଜୟ କୁମାର ପରିଡ଼ା, ଚିନ୍ମୟ କୁମାର ରାଉତ, ଯନ୍ତ୍ରୀ ପି ଆର୍ ପଟ୍ଟନାୟକ ଓ ଅନ୍ୟ ସହକର୍ମୀ ଶିବିର ପରିଚାଳନା କରିଥିଲେ। ରେଡକ୍ରସ, ଓଡ଼ିଶା ଶାଖା ରକ୍ତକେନ୍ଦ୍ରର ମେଡିକାଲ ଅଫିସର ଡା. ଦେବୀପ୍ରସାଦ ରଥଙ୍କ ନେତୃତ୍ୱରେ କାଉନସେଲର୍ ଗୁଲସନ୍ କୁମାର ଦାଶ, ଡିଇଓ ଜ୍ୟୋତିର୍ମୟୀ ମଲ୍ଲିକ, ଶୁଭଲକ୍ଷ୍ମୀ ବରାଳ, ଟେକ୍‌ନିସିଆନ୍ ଦେବପ୍ରସାଦ ବାରିକ, ଶୁଭଶ୍ରୀ ସ୍ୱାଇଁ, ଭକ୍ତିସ୍ୱରୂପ ମହାନ୍ତ, ଅମରଜିତ୍ ଖିଲାର ରକ୍ତସଂଗ୍ରହ କରିଥିଲେ। ଅଭିଷେକ ନାୟକ, ଦେବାଶିଷ ସାମଲ, ବୁବୁଲ ସାହୁ, ଆଦିତ୍ୟ ଖଣ୍ଡୁଆଳ, ପତିତପାବନ ସାହୁ ପରିଚାଳନାରେ ସହଯୋଗ କରିଥିଲେ। 'ଆମ ଓଡ଼ିଶା'ର ରକ୍ତଦାନ କାର୍ଯ୍ୟକ୍ରମ ସଂଯୋଜକ ପ୍ରଭଞ୍ଜନ ପାଣିଗ୍ରାହୀ ଓ ସନ୍ତୋଷ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଶିବିରଟି ଅନୁଷ୍ଠିତ ହୋଇଥିଲା।